**ରାମ ନାରାୟଣ ପ୍ରସାଦ ଏବଂ ଅନ୍ୟଜଣେ**

**ବନାମ**

**ଅତୁଲ୍ ଚନ୍ଦର୍ ମିତ୍ରା ଏବଂ ଅନ୍ୟମାନେ**

**ମାର୍ଚ୍ଚ 29, 1994**

**[କୁଳଦୀପ ସିଂହ, ବି. ପି. ଜୀବନ ରେଡ୍ଡୀ ଏବଂ ଏସ୍. ପି. ଭରୁଚା, ନ୍ୟାୟମୂର୍ତ୍ତିବୃନ୍ଦ]**

*ନ୍ୟାୟାଳୟ ଶୁଳ୍କ ଅଧିନିୟମ, 1870 - ଧାରା 7 - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ନ୍ୟାୟାଳୟ ଶୁଳ୍କ ଉଦ୍ଦେଶ୍ୟରେ ମକଦ୍ଦମାର ମୂଲ୍ୟାଙ୍କନ, ବାଦପତ୍ରରେ ହୋଇଥିବା କଥନ ଏବଂ ସେଥିରେ ଅନୁରୋଧ କରାଯାଇଥିବା ପ୍ରତିକାରର ଆଧାରରେ କରାଯିବା ଆବଶ୍ୟକ, ଏବଂ ଏହି ସମ୍ବନ୍ଧରେ ଲିଖିତ ବିବୃତିରେ ଦିଆଯାଇଥିବା କଥନ ପ୍ରାସଙ୍ଗିକ ନୁହେଁ।*

ଭଡ଼ା ଏବଂ ବ୍ୟକ୍ତିଗତ ଆବଶ୍ୟକତା ପ୍ରଦାନ କରିବାରେ ଅପିଲକାରୀ-ବାଦୀମାନେ ବିଫଳ ହେବା ଆଧାରରେ ଉତ୍ତରଦାତା ସଂଖ୍ୟା 1-ପ୍ରତିବାଦୀ ସେମାନଙ୍କୁ ମକଦ୍ଦମା ପରିସରରୁ ବେଦଖଲ କରିଥିଲେ - ଏହାକୁ ଆଧାର କରି ଅପିଲକାରୀ-ବାଦୀମାନେ ଉତ୍ତରଦାତା ସଂଖ୍ୟା 1-ପ୍ରତିବାଦୀଙ୍କ ବିରୁଦ୍ଧରେ ମକଦ୍ଦମା ଦାୟର କରିଥିଲେ । ସେମାନେ ଯୁକ୍ତି କରିଥିଲେ ଯେ ସେମାନେ ମାଲିକ ଥିଲେ ଏବଂ ଉତ୍ତରଦାତା ସଂଖ୍ୟା 1 ସେମାନଙ୍କର ଭଡ଼ାଟିଆ ଥିଲେ । ଅଧିକାରିତା କ୍ଷେତ୍ର ଏବଂ ନ୍ୟାୟାଳୟ ଶୁଳ୍କ ଉଦ୍ଦେଶ୍ୟରେ ସେମାନେ 12 ମାସର ମାସିକ ଭଡ଼ା ଆଧାରରେ ମକଦ୍ଦମାର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ।

ତାଙ୍କ ଲିଖିତ ବିବୃତିରେ ଉତ୍ତରଦାତା ସଂଖ୍ୟା 1, ପକ୍ଷମାନଙ୍କ ମଧ୍ୟରେ ଘର ମାଲିକ ଏବଂ ଭଡ଼ାଟିଆଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଇଥିଲେ । ସେ ବିଚାର କରୁଥିବା ନ୍ୟାୟାଳୟରେ ମଧ୍ୟ ଏକ ଆବେଦନ ଆଗତ କରିଥିଲେ ଯେଉଁଥିରେ ସେ ଯୁକ୍ତି କରିଥିଲେ ଯେ ମକଦ୍ଦମା ସମ୍ପତ୍ତିର ବଜାର ମୂଲ୍ୟ ଉପରେ *ମୂଲ୍ୟାନୁଯାୟୀ* ନ୍ୟାୟାଳୟ ଶୁଳ୍କ ପ୍ରଦାନ ନକରିବା ପର୍ଯ୍ୟନ୍ତ ମକଦ୍ଦମା ଆଗକୁ ବଢ଼ିପାରିବ ନାହିଁ, କାରଣ ପକ୍ଷମାନଙ୍କ ଯୁକ୍ତିତର୍କକୁ ଦୃଷ୍ଟିରେ ରଖି ନ୍ୟାୟାଳୟଙ୍କୁ ମାଲିକାନା ସ୍ୱତ୍ୱ ସମ୍ବନ୍ଧରେ "ଅକସ୍ମାତ ଭାବେ ନୁହେଁ ବରଂ ପୂର୍ଣ୍ଣ ରୂପରେ" ନିଷ୍ପତ୍ତି ନେବା ଆବଶ୍ୟକ ।

**ବିଚାର କରୁଥିବା ନ୍ୟାୟାଳୟ ପ୍ରତିବାଦୀ ସଂଖ୍ୟା 1 ଙ୍କ ଯୁକ୍ତିକୁ ଗ୍ରହଣ କରିଥିଲେ ଏବଂ ବାଦୀମାନଙ୍କୁ *ମୂଲ୍ୟାନୁଯାୟୀ* ନ୍ୟାୟାଳୟ ଶୁଳ୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବାଦୀମାନେ ପୁନଃରୀକ୍ଷଣ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାକୁ *ପ୍ରାରମ୍ଭରେ ହିଁ* ଖାରଜ କରିଦିଆଯାଇଥିଲା । ଏହାପରେ ସେମାନେ ବିଶେଷ ଅନୁମତି ଦ୍ୱାରା ଏହି ନ୍ୟାୟାଳୟରେ ଅପିଲ କରିଥିଲେ ।**

**ଏହି ଅପିଲକୁ ମଞ୍ଜୁରୀ ଦେଇ ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ:**

**1. ଏହା ଉପରେ ଦିଆଯିବାକୁ ଥିବା ନ୍ୟାୟାଳୟ ଶୁଳ୍କର ନିର୍ଦ୍ଧାରଣ ପାଇଁ ମକଦ୍ଦମାର ମୂଲ୍ୟାଙ୍କନ ଉଦ୍ଦେଶ୍ୟରେ, ଯାହା ପ୍ରାସଙ୍ଗିକ ତାହା ହେଉଛି ବାଦପତ୍ର । ଏହା ଉପରେ ଦିଆଯିବାକୁ ଥିବା ନ୍ୟାୟାଳୟ ଶୁଳ୍କ ଉଦ୍ଦେଶ୍ୟରେ ବାଦପତ୍ରରେ ହୋଇଥିବା କଥନ ଏବଂ ସେଥିରେ ଅନୁରୋଧ କରାଯାଇଥିବା ପ୍ରତିକାର ମକଦ୍ଦମାର ସ୍ୱରୂପ ନିର୍ଦ୍ଧାରଣ କରେ । ଲିଖିତ ବିବୃତିରେ ଯାହା କୁହାଯାଇଛି ତାହା ଏହି ସମ୍ବନ୍ଧରେ ପ୍ରାସଙ୍ଗିକ ନୁହେଁ ।**

*ସଥପ୍ପା ଚେଟ୍ଟିୟାର ବନାମ ରାମନାଥନ ଚେଟ୍ଟିୟାର,* **[1958] SCR 1024 ମାମଲାଟିକୁ ଅନୁସରଣ କରାଯାଇଥିଲା ।**

**2. ଅପିଲକାରୀମାନେ ଘର ମାଲିକ ଥିଲେ ଏବଂ ପ୍ରଥମ ଉତ୍ତରଦାତା ସେମାନଙ୍କର ଭଡ଼ାଟିଆ ଥିଲେ ଏବଂ ତାଙ୍କର ବକେୟା ଭଡ଼ା ଦେବାର ଥିଲା - ଏହି କଥନ ଆଧାରରେ ବାଦୀ ଏହି ମାମଲାରେ ମକଦ୍ଦମା ସମ୍ପତ୍ତିରୁ ପ୍ରଥମ ଉତ୍ତରଦାତାଙ୍କୁ ବେଦଖଲ କରିବାର ପ୍ରତିକାର ଚାହିଁଥିଲେ । ଏହି ମକଦ୍ଦମାକୁ କେବଳ ଏକ ବେଦଖଲ ମକଦ୍ଦମା ଭାବରେ ମୂଲ୍ୟାୟନ କରାଯାଇପାରିବ, ଯଦିଓ ପ୍ରଥମ ଉତ୍ତରଦାତା ମକଦ୍ଦମା ସମ୍ପତ୍ତିରେ ଅପିଲକାରୀମାନଙ୍କ ମାଲିକାନା ସ୍ୱତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ ଯାହା ଦ୍ୱାରା ଏହା ମକଦ୍ଦମାରେ ଏକ ପ୍ରସଙ୍ଗ ହୋଇଥିଲା ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3493/1988 ।

ସି. ଆର୍. ସଂଖ୍ୟା 254/1987 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ 14.1.88 ର ରାୟ ଏବଂ ଆଦେଶରୁ ଏହି ଅପିଲ କରାଯାଇଛି ।

ଅପିଲକାରୀମାନଙ୍କ ତରଫରୁ ରଣଜିତ କୁମାର ।

ଉତ୍ତରଦାତାମାନଙ୍କ ତରଫରୁ ଏମ୍. ପି. ଝା ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ଭରୁଚାଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା:

ଅପିଲକାରୀମାନେ ଗୟାସ୍ଥିତ ପ୍ରଥମ ମୁନସିଫ୍ ଅଦାଲତରେ ପ୍ରଥମ ଉତ୍ତରଦାତାଙ୍କ ବିରୁଦ୍ଧରେ ହୋଇଥିବା ଏକ ମକଦ୍ଦମା (ଟି. ଏସ୍. ସଂଖ୍ୟା 278/1971) ରେ ବାଦୀ ଥିଲେ । ବାଦପତ୍ରରେ ଏହା ଅଭିଯୋଗ କରାଯାଇଥିଲା ଯେ ଅପିଲକାରୀମାନେ ଜୟକିଶନ୍ ଲାଲ୍ ନାମକ ଜଣେ ବ୍ୟକ୍ତିଙ୍କ ପୁଅ ଏବଂ ଝିଅ ଥିଲେ, ଯିଏକି 1 ଜୁଲାଇ, 1962 ରେ ମୃତ୍ୟୁବରଣ କରିଥିଲେ ଏବଂ ସେମାନଙ୍କୁ ତାଙ୍କର ଏକମାତ୍ର ଉତ୍ତରାଧିକାରୀ ଭାବରେ ଛାଡ଼ି ଯାଇଥିଲେ । ସ୍ୱର୍ଗତ ଜୟକିଶନ୍ ଲାଲ୍ 30 ଏପ୍ରିଲ, 1960 ରେ ଏକ ପଞ୍ଜୀକୃତ ବିକ୍ରି ଦଲିଲ ଅନୁଯାୟୀ ପ୍ରତିବାଦୀଙ୍କଠାରୁ ମକଦ୍ଦମା ସମ୍ପତ୍ତି କିଣିଥିଲେ । ଜୟକିଶନ୍ ଲାଲ୍ ସମ୍ପତ୍ତିର ମାଲିକ ହେବା ପରେ, ପ୍ରଥମ ଉତ୍ତରଦାତା ତାଙ୍କୁ ମାସିକ 90 ଟଙ୍କା ଭଡ଼ାରେ ମକଦ୍ଦମା ସମ୍ପତ୍ତି ଦେବାକୁ ଅନୁରୋଧ କରିଥିଲେ । ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା ଏବଂ ପ୍ରଥମ ଉତ୍ତରଦାତାଙ୍କୁ 1 ମେ, 1960 ରେ ଭଡ଼ାଟିଆ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା । 18 ମେ, 1960 ରେ, ପ୍ରଥମ ଉତ୍ତରଦାତା ଏହି ସର୍ତ୍ତାବଳୀ ଅନୁସାରେ ସ୍ୱର୍ଗତ ଜୟକିଶନ୍ ଲାଲଙ୍କ ସପକ୍ଷରେ ଏକ "ଭଡ଼ା ରାଜିନାମା" କାର୍ଯ୍ୟକାରୀ କରିଥିଲେ । ପ୍ରଥମ ଉତ୍ତରଦାତା ସ୍ୱର୍ଗତ ଜୟକିଶନ୍ ଲାଲଙ୍କୁ କିଛି ଭଡ଼ା ପ୍ରଦାନ କରିଥିଲେ ଏବଂ ତାହା ପରେ ବାଦୀମାନଙ୍କୁ ଭଡ଼ା ପ୍ରଦାନ କରିଥିଲେ, ଶେଷ ଥର ପାଇଁ ଏହିପରି ଭଡ଼ା 7 ଅଗଷ୍ଟ, 1962 ରେ ଦିଆଯାଇଥିଲା । ଜୟକିଶନ୍ ଲାଲଙ୍କ ମୃତ୍ୟୁ ସମୟରେ ପ୍ରଥମ ଅପିଲକାରୀ ଜଣେ ନାବାଳକ ଥିଲେ । ସାବାଳକ ହେବାର ତୁରନ୍ତ ପରେ, ପ୍ରଥମ ଅପିଲକାରୀ ମକଦ୍ଦମା ସମ୍ପତ୍ତି ସମ୍ବନ୍ଧରେ ପୌରପାଳିକା ରେଜିଷ୍ଟରର ମାଲିକାନା ପରିବର୍ତ୍ତନ ପାଇଁ ଏକ ଆବେଦନ ଦାୟର କରିଥିଲେ । ପ୍ରଥମ ଉତ୍ତରଦାତା ଏହା ଉପରେ ଆପତ୍ତି ଦାୟର କରିଥିଲେ, ଯାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଅପିଲକାରୀମାନେ ମକଦ୍ଦମା ସମ୍ପତ୍ତିର ମାଲିକ ଥିଲେ । ପ୍ରଥମ ଉତ୍ତରଦାତା ସେମାନଙ୍କର ଭଡ଼ାଟିଆ ଥିଲେ ଏବଂ ତାଙ୍କର ବକେୟା ଭଡ଼ା ଦେବାର ଥିଲା । ଜଣେ ଖିଲାପକାରୀ ହୋଇଥିବାରୁ, ସେ ମକଦ୍ଦମା ସମ୍ପତ୍ତିରୁ ବେଦଖଲ ହେବା ପାଇଁ ଆଇନତଃ ବାଧ୍ୟ ଥିଲେ । ଅପିଲକାରୀମାନଙ୍କୁ ବ୍ୟକ୍ତିଗତ ବ୍ୟବହାର

ପାଇଁ ମକଦ୍ଦମା ସମ୍ପତ୍ତିର ଆବଶ୍ୟକତା ଥିଲା । ଅଧିକାରିତା କ୍ଷେତ୍ର ଏବଂ ନ୍ୟାୟାଳୟ ଶୁଳ୍କ ଉଦ୍ଦେଶ୍ୟରେ, ମକଦ୍ଦମାର ମୂଲ୍ୟ 1080 ଟଙ୍କା ଥିଲା, ଯାହା ହେଉଛି 12 ମାସର ମାସିକ ଘରଭଡ଼ା, ଏବଂ ଅପିଲକାରୀମାନେ ନ୍ୟାୟାଳୟ ଶୁଳ୍କ ବାବଦକୁ 157.50 ଟଙ୍କା ପ୍ରଦାନ କରି ନିମ୍ନଲିଖିତ ପ୍ରତିକାରଗୁଡ଼ିକ ପାଇଁ ପ୍ରାର୍ଥନା କରିଥିଲେ:

"(i) ମକଦ୍ଦମାରେ ଥିବା ଘରୁ ପ୍ରତିବାଦୀଙ୍କୁ ବେଦଖଲ କରିବା ପାଇଁ ଏକ ଡିକ୍ରି ପାରିତ କରାଯାଉ ।

(ii) ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ଅବଧି ମଧ୍ୟରେ ପ୍ରତିବାଦୀଙ୍କୁ ମକଦ୍ଦମାରେ ଥିବା ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଉ, ଯେଉଁଥିରେ ବିଫଳ ହେଲେ ବାଦୀମାନଙ୍କୁ ନ୍ୟାୟାଳୟ ପ୍ରକ୍ରିୟା ମାଧ୍ୟମରେ ମକଦ୍ଦମାରେ ଥିବା ଘରର ଦଖଲ ଦିଆଯିବ" ।

ପ୍ରଥମ ଉତ୍ତରଦାତା ଏକ ଲିଖିତ ବିବୃତି ଦାୟର କରିଥିଲେ ଯେଉଁଥିରେ ସେ ଦାବି କରିଥିଲେ ଯେ 1960 ମସିହା ଏପ୍ରିଲ ମାସରେ ତାଙ୍କୁ ଅର୍ଥର ଆବଶ୍ୟକତା ଥିଲା ଏବଂ ଋଣ ପାଇଁ ସେ ସ୍ୱର୍ଗତ ଜୟକିଶନ୍ ଲାଲଙ୍କ ନିକଟକୁ ଯାଇଥିଲେ । ଜୟକିଶନ୍ ଲାଲ୍ ଜୋର ଦେଇ କହିଥିଲେ ଯେ ଋଣ ପ୍ରମାଣପତ୍ର ଏକ ବିକ୍ରି ଦଲିଲ ରୂପରେ ହେବା ଉଚିତ, ଯେଉଁଥିରେ ପୁନଃ ହସ୍ତାନ୍ତରଣ କବଲାର ଏକ ଖଣ୍ଡ ରହିବା ଉଚିତ ଏବଂ ଏହା ସହିତ ଏକ "ଭଡ଼ା ରାଜିନାମା" ମଧ୍ୟ ରହିବା ଉଚିତ, ଯେଉଁଥିରେ ମକଦ୍ଦମା ସମ୍ପତ୍ତିର ମାସିକ ଭଡ଼ା 90 ଟଙ୍କା ବୋଲି ଦର୍ଶାଯାଇଥିବ । ପ୍ରଥମ ଉତ୍ତରଦାତା, ଅର୍ଥର ଜରୁରୀ ଆବଶ୍ୟକତା ହେତୁ, ଅନୁଚିତ ପ୍ରଭାବ ଏବଂ ବାଧ୍ୟବାଧକତାରେ ଏହି ଦସ୍ତାବିଜଗୁଡ଼ିକୁ କାର୍ଯ୍ୟକାରୀ କରିଥିଲେ । ପ୍ରଥମ ଉତ୍ତରଦାତା ଅସ୍ୱୀକାର କରିଥିଲେ ଯେ ତାଙ୍କ ଏବଂ ଅପିଲକାରୀମାନଙ୍କ ମଧ୍ୟରେ ଏକ ଭଡ଼ାଟିଆ ଏବଂ ଘର ମାଲିକ ସମ୍ପର୍କ ଥିଲା ।

ପ୍ରଥମ ଉତ୍ତରଦାତା ବିଚାର କରୁଥିବା ନ୍ୟାୟାଳୟରେ ଏକ ଆବେଦନ ଆଗତ କରିଥିଲେ ଯେଉଁଥିରେ ସେ କହିଥିଲେ ଯେ "ପକ୍ଷମାନଙ୍କ ଯୁକ୍ତିତର୍କକୁ ଦୃଷ୍ଟିରେ ରଖି ନ୍ୟାୟାଳୟଙ୍କୁ ମାଲିକାନା ସ୍ୱତ୍ୱ ସମ୍ବନ୍ଧରେ ଅକସ୍ମାତ ଭାବେ ନୁହେଁ ବରଂ ପୂର୍ଣ୍ଣ ରୂପରେ ନିଷ୍ପତ୍ତି ନେବା ଆବଶ୍ୟକ" ଏବଂ ସେଥିପାଇଁ, ମକଦ୍ଦମା ସମ୍ପତ୍ତିର ବଜାର ମୂଲ୍ୟ ଉପରେ ମୂଲ୍ୟାନୁଯାୟୀ ନ୍ୟାୟାଳୟ ଶୁଳ୍କ ପ୍ରଦାନ ନକରିବା ପର୍ଯ୍ୟନ୍ତ ଅପିଲକାରୀମାନେ ମକଦ୍ଦମାରେ ଆଗକୁ ବଢ଼ିପାରିବେ ନାହିଁ । 1985 P.L.J.R. 358 ରେ ବର୍ଣ୍ଣିତ

ଏକ ରାୟ ଉପରେ ନିର୍ଭରଶୀଳତା ରଖାଯାଇଥିଲା । ଏହି ଆବେଦନକୁ ଆଧାର କରି, ବିଚାର କରୁଥିବା ନ୍ୟାୟାଳୟ ଏହିପରି ନିର୍ଦ୍ଦେଶ ଦେଇଥିଲେ:

> "ମୋର ମତ ହେଉଛି ଯେ, ପକ୍ଷମାନଙ୍କ ଯୁକ୍ତିତର୍କକୁ ଦୃଷ୍ଟିରେ ରଖି, ନ୍ୟାୟାଳୟଙ୍କୁ ମାଲିକାନା ସ୍ୱତ୍ୱ ସମ୍ବନ୍ଧରେ ଅକସ୍ମାତ ଭାବେ ନୁହେଁ ବରଂ ପୂର୍ଣ୍ଣ ରୂପରେ ନିଷ୍ପତ୍ତି ନେବା ଆବଶ୍ୟକ । ଏଭଳି ପରିସ୍ଥିତିରେ, 1985 P.L.J.R. ପୃଷ୍ଠା ସଂଖ୍ୟା 358 ରେ ବର୍ଣ୍ଣିତ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ବାଦୀମାନଙ୍କୁ ମକଦ୍ଦମା ସମ୍ପତ୍ତିର ବଜାର ମୂଲ୍ୟ ଉପରେ ମୂଲ୍ୟାନୁଯାୟୀ ନ୍ୟାୟାଳୟ ଶୁଳ୍କ ପ୍ରଦାନ କରିବାକୁ ପଡ଼ିବ । ତଦନୁସାରେ, ମକଦ୍ଦମା ସମ୍ପତ୍ତିର ବଜାର ମୂଲ୍ୟ ଉପରେ ମୂଲ୍ୟାନୁଯାୟୀ ନ୍ୟାୟାଳୟ ଶୁଳ୍କ ପ୍ରଦାନ କରିବାକୁ ବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ଯଦି ବାଦୀମାନେ ସେହିପରି ପରାମର୍ଶ ପାଆନ୍ତି, ତେବେ ସେମାନେ ମକଦ୍ଦମା ସମ୍ପତ୍ତିରେ ସେମାନଙ୍କର ମାଲିକାନା ସ୍ୱତ୍ୱ ଘୋଷଣା କରିବା ପରିପ୍ରେକ୍ଷୀରେ ବାଦପତ୍ରଟିର ସଂଶୋଧନ ପାଇଁ ଆବେଦନ ଦାୟର କରିପାରିବେ" ।

ଅପିଲକାରୀମାନେ ଏକ ଦେୱାନୀ ପୁନଃରୀକ୍ଷଣ ଆବେଦନ ମାଧ୍ୟମରେ ଏହି ମାମଲାଟିକୁ ପାଟନା ଉଚ୍ଚ ନ୍ୟାୟାଳୟକୁ ନେଇଥିଲେ । ଏହାକୁ *ପ୍ରାରମ୍ଭରେ ହିଁ* ଖାରଜ କରି ଦିଆଯାଇଥିଲା । ସେହି ଆଦେଶରୁ ଅପିଲକାରୀମାନେ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ କରିଥିଲେ ।

1985 P.L.J.R. 358. *ଭିଓ ଶଙ୍କର ପ୍ରସାଦ ବନାମ ବରହାନ୍ ମିସ୍ତ୍ରୀ* ମାମଲାରେ ବର୍ଣ୍ଣିତ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ତୁରନ୍ତ ଉଲ୍ଲେଖ କରିବା ଆବଶ୍ୟକ । ଜଣେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ରାୟର ଅନୁଚ୍ଛେଦ 2 ରେ କୁହାଯାଇଛି:

> "ବାଦୀ ଅଭିଯୋଗ କରିଛନ୍ତି ଯେ ଭଡ଼ା କେବଳ ଡିସେମ୍ବର, 1978 ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିଲା ଏବଂ ପ୍ରତିବାଦୀମାନେ ଏହା ପରେ ଭଡ଼ା ଦେବାରେ ଖିଲାପ କରିଛନ୍ତି । ବାଦୀ ବ୍ୟକ୍ତିଗତ ଆବଶ୍ୟକତାର ମଧ୍ୟ ଅଭିଯୋଗ କରିଛନ୍ତି । ପ୍ରତିବାଦୀମାନେ ସମ୍ପୃକ୍ତ କାଡ୍ରାରେ ଥିବା ବାଦୀଙ୍କ ମାଲିକାନା ସ୍ୱତ୍ୱକୁ ଗୁରୁତର ଭାବେ ଅସ୍ୱୀକାର କରିଛନ୍ତି । ଯଦିଓ ପ୍ରାରମ୍ଭରେ ମକଦ୍ଦମାଗୁଡ଼ିକ ଘର ମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ଦାୟର କରାଯାଇଥିଲା ଏବଂ ସେହି ଅନୁଯାୟୀ ନ୍ୟାୟାଳୟ ଶୁଳ୍କ ପ୍ରଦାନ କରାଯାଇଥିଲା, କିନ୍ତୁ ପ୍ରତିବାଦୀର ଜବାବର ଫଳସ୍ୱରୂପ,

ପକ୍ଷମାନେ ସମ୍ପତ୍ତିର ମାଲିକାନା ସ୍ୱତ୍ୱ ପ୍ରଶ୍ନ ଉପରେ ପ୍ରମାଣ ଉପସ୍ଥାପନ କରିଥିଲେ, ଏବଂ ନ୍ୟାୟାଳୟଗୁଡ଼ିକ ଏହି ପ୍ରଶ୍ନ ଉପରେ ବିସ୍ତୃତ ଭାବେ ବିଶ୍ଳେଷଣ କରିଛନ୍ତି । ଏହି ନ୍ୟାୟାଳୟ ଦ୍ୱାରା ବାରମ୍ବାର ଏହା କୁହାଯାଇଛି, ଏବଂ ମୁଁ ଏହି ବିଷୟରେ ନିକଟରେ ହୋଇଥିବା ଏକ ମାମଲା, B.A. 267/1981, ଯାହାକୁ 17 ଏପ୍ରିଲ, 1984 ରେ ମଞ୍ଜୁରୀ ଦିଆଯାଇଥିଲା, ତାହାକୁ ଉଲ୍ଲେଖ କରିପାରିବି ଯେ, ନ୍ୟାୟାଳୟ ମାଲିକାନା ସ୍ୱତ୍ୱ ସମ୍ବନ୍ଧିତ ପ୍ରଶ୍ନ ଉପରେ ଅକସ୍ମାତ ଭାବେ ନୁହେଁ ବରଂ ଏକ ପୂର୍ଣ୍ଣ ରୂପରେ ବିଶ୍ଳେଷଣ କରିବା ପୂର୍ବରୁ, ବାଦୀଙ୍କୁ *ମୂଲ୍ୟାନୁଯାୟୀ* ନ୍ୟାୟାଳୟ ଶୁଳ୍କ ପ୍ରଦାନ କରିବାକୁ କୁହାଯିବା ଉଚିତ । ଏହା କରାଯାଇ ନାହିଁ" ।

ଅପିଲକାରୀମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା କହିଥିଲେ ଯେ ନ୍ୟାୟାଳୟ ଶୁଳ୍କ ଉଦ୍ଦେଶ୍ୟରେ ମକଦ୍ଦମାର ମୂଲ୍ୟାୟନ ଏହି ଆଧାରରେ କରାଯାଇଥିଲା ଯେ ଅପିଲକାରୀମାନେ ମକଦ୍ଦମା ସମ୍ପତ୍ତିର ଘର ମାଲିକ ଥିଲେ ଏବଂ ପ୍ରଥମ ଉତ୍ତରଦାତା ସେମାନଙ୍କର ଭଡ଼ାଟିଆ ଥିଲେ, ଏବଂ ତାଙ୍କର ବକେୟା ଭଡ଼ା ଦେବାର ଥିଲା, ଏବଂ ସେଥିପାଇଁ, ସେ ମକଦ୍ଦମା ସମ୍ପତ୍ତିରୁ ବେଦଖଲ ହେବା ପାଇଁ ଆଇନତଃ ବାଧ୍ୟ ଥିଲେ । ଏହି ମକଦ୍ଦମାରେ ଯେଉଁ ପ୍ରତିକାର ଲୋଡ଼ା ଯାଇଥିଲା ତାହା ଥିଲା ବେଦଖଲର ପ୍ରତିକାର । ତେଣୁ ବାଦପତ୍ରର ଯଥାର୍ଥ ମୂଲ୍ୟାୟନ କରାଯାଇଥିଲା । ମକଦ୍ଦମା ସମ୍ପତ୍ତିର ବଜାର ମୂଲ୍ୟ ଆଧାରରେ ଅପିଲକାରୀମାନଙ୍କୁ *ମୂଲ୍ୟାନୁଯାୟୀ* ନ୍ୟାୟାଳୟ ଶୁଳ୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାରେ ବିଚାର କରୁଥିବା ନ୍ୟାୟାଳୟ ତ୍ରୁଟି କରିଥିଲେ । ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପରୋକ୍ତ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ରାୟ ଉପରେ ନିର୍ଭର କରିଥିଲେ ।

ନ୍ୟାୟାଳୟ ଶୁଳ୍କ ଆଇନ, 1870 ର ଧାରା 7 ନିର୍ଦ୍ଦିଷ୍ଟ ମକଦ୍ଦମାଗୁଡ଼ିକରେ ନ୍ୟାୟାଳୟ ଶୁଳ୍କ କିପରି ଗଣନା କରାଯିବ ତାହା ସ୍ଥିର କରେ । ଏହି କାରଣରୁ, ଭଡ଼ାଟିଆଙ୍କ ଠାରୁ ସ୍ଥାବର ସମ୍ପତ୍ତିର ପୁନରୁଦ୍ଧାର ପାଇଁ ଜଣେ ଘର ମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ମକଦ୍ଦମାରେ, ନ୍ୟାୟାଳୟ ଶୁଳ୍କ "ମକଦ୍ଦମାରେ ଉଲ୍ଲେଖ କରାଯାଇଥିବା ସ୍ଥାବର ସମ୍ପତ୍ତିର ଭଡ଼ା ପରିମାଣ ଅନୁସାରେ, ଯାହା ବାଦପତ୍ର ଦାଖଲ କରିବାର ତାରିଖ ପୂର୍ବରୁ ଆଗାମୀ ବର୍ଷ ପାଇଁ ଦେୟ" ତାହା ଅନୁଯାୟୀ ପ୍ରଦାନ କରାଯାଏ ।

*ସଥପ୍ପା ଚେଟ୍ଟିୟାର ବନାମ ରାମନାଥନ ଚେଟ୍ଟିୟାର,* AIR (1958) ସୁପ୍ରିମ କୋର୍ଟ, 245 ମାମଲାରେ, ଏହି ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ ନ୍ୟାୟାଳୟ ଶୁଳ୍କର ପ୍ରଶ୍ନ, ବାଦପତ୍ରରେ କରାଯାଇଥିବା ଅଭିଯୋଗର ପରିପ୍ରେକ୍ଷୀରେ ବିଚାର କରାଯିବା ଆବଶ୍ୟକ ଏବଂ ଏହାର ନିର୍ଣ୍ଣୟ ଲିଖିତ ବିବୃତିରେ କରାଯାଇଥିବା ଅନୁରୋଧ ଦ୍ୱାରା କିମ୍ବା ଯୋଗ୍ୟତା ଆଧାରରେ ମକଦ୍ଦମାର ଚୂଡ଼ାନ୍ତ ନିର୍ଣ୍ଣୟ ଦ୍ୱାରା ପ୍ରଭାବିତ ହୋଇପାରିବ ନାହିଁ । ଯଦିଓ ଏହା ଏକ ରିହାତି ସମ୍ବନ୍ଧରେ କୁହାଯାଇଥିଲା, ଆମ୍ଭର ଏଥିରେ କୌଣସି ସନ୍ଦେହ ନାହିଁ ଯେ ମକଦ୍ଦମାର ମୂଲ୍ୟାଙ୍କନ ଉଦ୍ଦେଶ୍ୟରେ, ତାହା ଉପରେ ଦିଆଯିବାକୁ ଥିବା ନ୍ୟାୟାଳୟ ଶୁଳ୍କର ନିର୍ଦ୍ଧାରଣ ପାଇଁ ଏହି ବିବୃତି ଆଇନକୁ ସଠିକ୍ ଭାବରେ ଦର୍ଶାଏ, ଯାହା ପ୍ରାସଙ୍ଗିକ ତାହା ହେଉଛି ବାଦପତ୍ର । ଏହା ଉପରେ ଦିଆଯିବାକୁ ଥିବା ନ୍ୟାୟାଳୟ ଶୁଳ୍କ ଉଦ୍ଦେଶ୍ୟରେ ବାଦପତ୍ରରେ ହୋଇଥିବା କଥନ ଏବଂ ସେଥିରେ ଅନୁରୋଧ କରାଯାଇଥିବା ପ୍ରତିକାର ମକଦ୍ଦମାର ସ୍ୱରୂପ ନିର୍ଦ୍ଧାରଣ କରେ । ଲିଖିତ ବିବୃତିରେ ଯାହା କୁହାଯାଇଛି ତାହା ଏହି ସମ୍ବନ୍ଧରେ ପ୍ରାସଙ୍ଗିକ ନୁହେଁ । ଅନେକ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହି ମତ ପୋଷଣ କରିଛନ୍ତି ।

ଅପିଲକାରୀମାନେ ଘର ମାଲିକ ଥିଲେ ଏବଂ ପ୍ରଥମ ଉତ୍ତରଦାତା ସେମାନଙ୍କର ଭଡ଼ାଟିଆ ଥିଲେ ଏବଂ ତାଙ୍କର ବକେୟା ଭଡ଼ା ଦେବାର ଥିଲା - ଏହି କଥନ ଆଧାରରେ ବାଦୀ ଏହି ମାମଲାରେ ମକଦ୍ଦମା ସମ୍ପତ୍ତିରୁ ପ୍ରଥମ ଉତ୍ତରଦାତାଙ୍କୁ ବେଦଖଲ କରିବାର ପ୍ରତିକାର ଚାହିଁଥିଲେ । ଏହି ମକଦ୍ଦମାକୁ କେବଳ ଏକ ବେଦଖଲ ମକଦ୍ଦମା ଭାବରେ ମୂଲ୍ୟାୟନ କରାଯାଇପାରିବ, ଯଦିଓ ପ୍ରଥମ ଉତ୍ତରଦାତା ମକଦ୍ଦମା ସମ୍ପତ୍ତିରେ ଅପିଲକାରୀମାନଙ୍କ ମାଲିକାନା ସ୍ୱତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ ଯାହା ଦ୍ୱାରା ଏହା ମକଦ୍ଦମାରେ ଏକ ପ୍ରସଙ୍ଗ ହୋଇଥିଲା ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଇଛି । ବାଦୀମାନଙ୍କ ଦେୱାନୀ ପୁନଃରୀକ୍ଷଣ ଆବେଦନକୁ ଖାରଜ କରିଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଏବଂ ମକଦ୍ଦମା ସମ୍ପତ୍ତିର ବଜାର ମୂଲ୍ୟ ଆଧାରରେ *ମୂଲ୍ୟାନୁଯାୟୀ* ନ୍ୟାୟାଳୟ ଶୁଳ୍କ ପାଇବା ପାଇଁ ପ୍ରଥମ ଉତ୍ତରଦାତାଙ୍କ ଆବେଦନକୁ ଅନୁମତି ଦେଉଥିବା ବିଚାର କରୁଥିବା ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଉଛି । ଉକ୍ତ ଆବେଦନଗୁଡ଼ିକୁ ଖାରଜ କରିଦିଆଯାଉଛି ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍. ଆର୍. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**